# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୦.୧୦.୨୦୨୨ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଅମରେଶ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପଙ୍କଜା ପ୍ରିୟଦର୍ଶିନୀ ଜେନା,
୩. ଶ୍ରୀମତୀ ଜୟନ୍ତୀ ସାହୁ,
୪. ଶ୍ରୀମତୀ ସମିତା ମହାନ୍ତି,
୫. ଶ୍ରୀ ଶ୍ରୀଧର ବେହେରା,
୬. ଶ୍ରୀ ସନ୍ତୋଷ କୁମାର ସିଂହ,
୭. ସେକ୍ ନୁରହାସନ୍

ଅଦ୍ୟ ତା ୨୦.୧୦.୨୦୨୨ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଅମରେଶ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଅଧିନରେ ଥିବା ଡ୍ରେନ୍ ଗୁଡ଼ିକର ସଫେଇ କାର୍ଯ୍ୟ ଭୁବନେଶ୍ୱର ମହାନଗର ନିଗମକୁ ହସ୍ତାନ୍ତର କରିବାକୁ ସରକାର ଚାହୁଁଛନ୍ତି ବୋଲି ବୈଠକରେ ଉପସ୍ଥିତ ଥିବା ନଗର ଯନ୍ତ୍ରୀ କମିଟିକୁ ଅବଗତ କରାଇଥିଲେ । ଏହା ଉପରେ ଆଲୋଚନା କରାଗଲା । ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେତିକି ରାସ୍ତା ଓ ଡ୍ରେନ୍ ଅଛି, ତାହା ଅନ୍ୟାନ୍ୟ ବିଭାଗ ଅଧିନରେ ଥିବା ରାସ୍ତା ଓ ଡ୍ରେନ୍‌ର ଦୈର୍ଘ୍ୟ ଓ ପରିମାଣ ଠାରୁ ଅଧିକ ଅଛି କିନ୍ତୁ ସମ୍ପୃକ୍ତ ବିଭାଗର କର୍ମଚାରୀଙ୍କ ଠାରୁ ବି ଏମ୍ ସି ର କର୍ମଚାରୀ ବହୁତ କମ୍ ଅଛନ୍ତି । ରାଜ୍ୟ ସରକାର ଡ୍ରେନ୍ ଗୁଡ଼ିକର ସଫେଇ କାର୍ଯ୍ୟ ଭୁବନେଶ୍ୱର ମହାନଗର ନିଗମକୁ ହସ୍ତାନ୍ତର କରିବା ସମୟରେ ଆବଶ୍ୟକ ପରିମାଣର ଅର୍ଥ ଓ କର୍ମଚାରୀ ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମର ମୁଖ୍ୟ କାର୍ଯ୍ୟାଳୟରେ ମାନନୀୟା ମେୟର, କମିଶନର, ନଗର ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀମାନେ ବସୁଛନ୍ତି । ନିଗମର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀମାନେ ଆଂଚଳିକ କାର୍ଯ୍ୟାଳୟରେ ବସୁଛନ୍ତି ଏବଂ ଜୋନ୍ ଅଫିସରେ ହାଜିରା ଖାତାରେ ଦସ୍ତଖତ କରୁଛନ୍ତି ଏପରିକି କୌଣସି ଦିନ କାର୍ଯ୍ୟ ହେଉଥିବା ସ୍ଥାନରୁ ଯିବାକୁ ଡେରିହେଲେ କିମ୍ବା ନଗର ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ କୌଣସି କାର୍ଯ୍ୟରେ ପଠାଇଥିଲେ, ଜୋନ୍ ଅଫିସ୍ ବିଳମ୍ବରେ ଗଲେ ହାଜିରା ନେଉନାହାଁନ୍ତି ଏବଂ ସେଦିନ ଅନୁପସ୍ଥିତି ଦର୍ଶାଉଛନ୍ତି, ଫଳରେ ସହକାରୀ ଯନ୍ତ୍ରୀ/ କନିଷ୍ଠ ଯନ୍ତ୍ରୀଙ୍କ ଦରମା ସେହି ଦିନର ବନ୍ଦ ରହୁଅଛି । ତେଣୁ ସହକାରୀ ଯନ୍ତ୍ରୀ/ କନିଷ୍ଠ ଯନ୍ତ୍ରୀ ମାନଙ୍କର ସେହି ଦିନର Absentee Statement ନଗର ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀ ଦେଲେ ତାହାକୁ ହାଜିରା ହିସାବରେ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ E-Tender ଆହ୍ୱାନ କରାଯାଇଅଛି । ଜଣେ ଠିକାଦାର ଏକ ସମୟରେ ବହୁତ ଗୁଡ଼ିକ କାର୍ଯ୍ୟ ପାଇଁ ଅଟକଳ ମୂଲ୍ୟ ଠାରୁ୧୪.୯୯% କମ୍‌ରେ ଟେଣ୍ଡର ପକାଉଛନ୍ତି । ସେମାନେ ଆବଶ୍ୟକ APS ଦାଖଲ କରୁନାହାଁନ୍ତି କିମ୍ବା ଠିକ୍ ସମୟରେ କାର୍ଯ୍ୟ କରୁନାହାଁନ୍ତି, ଫଳରେ ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକ ହୋଇପାରୁନାହିଁ, ଜନସାଧାରଣ ଅସୁବିଧାର ସମ୍ମୁଖିନ ହେଉଛନ୍ତି, ତେଣୁ ଜଣେ ଠିକାଦାର ବର୍ଷକୁ ଅଟକଳ ମୂଲ୍ୟ ଠାରୁ ୧୪.୯୯% କମ୍‌ରେ ସର୍ବାଧିକ ଦୁଇ ଗୋଟି କାର୍ଯ୍ୟ ଆୱାର୍ଡ କରିବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳର ଯେଉଁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଠିକାଦାର ଅଟକଳ ମୂଲ୍ୟ ଠାରୁ ୧୪.୯୯ % କମ୍‌ରେ ଟେଣ୍ଡର ପକାଉଛନ୍ତି ସେହି କାର୍ଯ୍ୟ ଗୁଡ଼ିକ ଠିକ୍ ଭାବରେ ନିର୍ଦ୍ଧିଷ୍ଟ ସମୟସୀମା ମଧରେ ସମ୍ପୂର୍ଣ୍ଣ କରୁନଥିବାର କମିଟିଙ୍କ ଦୃଷ୍ଟିକୁ ଆସୁଅଛି, ତେଣୁ ଯେଉଁ କାର୍ଯ୍ୟ ଗୁଡ଼ିକ ୧୪.୯୯% କମ୍‌ରେ ହେଉଅଛି ସେହି କାର୍ଯ୍ୟ ଗୁଡ଼ିକ କମିଟି ଦେଖିଲା ପରେ ସେହି କାର୍ଯ୍ୟର ବିଲ୍ ପୈଠ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ବିଶ୍ୱକପ୍ ହକି ପାଇଁ ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁ ଉନ୍ନୟନମୂଳକ କାର୍ଯ୍ୟ ହେଉଅଛି ସେଗୁଡ଼ିକୁ କମିଟି କ୍ଷେତ୍ର ପରିଦର୍ଶନ କରିବା ପାଇଁ ଗୋଟିଏ ଗାଡ଼ି ସହିତ ଜଣେ ଇଞ୍ଜିନିୟରଙ୍କୁ ଦାୟିତ୍ୱ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମାଂଚଳରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକୁ ତଦାରଖ କରିବା ପାଇଁ ଆଉ ୨୬(ଛବିଶି) ଗୋଟି ସହକାରୀ ଯନ୍ତ୍ରୀ/ କନିଷ୍ଠ ଯନ୍ତ୍ରୀ ପଦବୀ ଅନୁମୋଦନ କରି ଇଞ୍ଜିନିୟର୍ ମାନଙ୍କୁ ନିଯୁକ୍ତି କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଚଳିତ ବର୍ଷ ପ୍ରତ୍ୟେକ ୱାର୍ଡ଼କୁ ଆଲର୍ଟମେଂଟ ହୋଇଥିବା ଟ ୧,୦୦,୦୦,୦୦୦/- (ଏକ କୋଟି) ଟଙ୍କାର କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୫୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ଅମରେଶ ଜେନା
ସଭାପତି
ତା ୨୦.୧୦.୨୦୨୨ ରିଖ